# ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟରେ ସାମ୍ବାଦିକତାରେ ସ୍ନାତକୋତ୍ତର ପାଠ୍ୟକ୍ରମ

ଭୁବନେଶ୍ୱର, ୧୩।୨(ବ୍ୟୁରୋ): ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ ପକ୍ଷରୁ ସାମ୍ବାଦିକତା ଓ ଗଣମାଧ୍ୟମ ସ୍ନାତକୋତ୍ତର ପାଠ୍ୟକ୍ରମ ପ୍ରସ୍ତୁତି କର୍ମଶାଳା ଆୟୋଜିତ ହୋଇଛି । ସ୍ଥାନୀୟ ପ୍ରସାର ଭାରତୀ ତାଲିମ ପ୍ରତିଷ୍ଠାନରେ ଆୟୋଜିତ ଏହି କର୍ମଶାଳାକୁ ବିଶ୍ୱବିଦ୍ୟାଳୟ କୁଳପତି ଡ. ଶ୍ରୀକାନ୍ତ ମହାପାତ୍ର ଉଦ୍‌ଘାଟନ କରିଥିଲେ ।

କର୍ମଶାଳାରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଭାରତୀୟ ଜନସଂଚାର ସଂସ୍ଥାନର ମୁଖ୍ୟ ପ୍ରଫେସର ମୃଣାଳ ଚାଟାର୍ଜୀ କହିଥିଲେ, ଖବର ଜାଣିବା ମଣିଷର ସହଜାତ ପ୍ରବୃତ୍ତି । ଆଉ ବର୍ତ୍ତମାନ ଖବର ଚୁଟ୍‌କିରେ ଆମ ପାଖରେ ପହଞ୍ଚି ପାରୁଛି । ସେହି ସମୟରେ ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ ସାମ୍ବାଦିକତା ଓ ଗଣ ଯୋଗାଯୋଗରେ ସ୍ନାତକୋତ୍ତର ପାଠ୍ୟକ୍ରମ ଆରମ୍ଭ ପାଇଁ ପଦକ୍ଷେପ ନେବା ନିହାତି ସ୍ୱାଗତଯୋଗ୍ୟ । ବିଶ୍ୱବିଦ୍ୟାଳୟର କୁଳପତି ଡ. ମହାପାତ୍ର କହିଥିଲେ, ଦୂର ଓ ନିରନ୍ତର ଶିକ୍ଷା ଏବେକାର ସମୟରେ ଆବଶ୍ୟକତା ହୋଇପଡ଼ିଛି । ଯେଉଁଠି ବିଦ୍ୟାର୍ଥୀ ଜଣକ ସହଜ ଓ ସୁବିଧାରେ ପଢି ପାରୁଛି । ସେ କହିଥିଲେ, ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ହେବାର ଦୁଇ ବର୍ଷ ମଧ୍ୟରେ ସ୍ନାତକୋତ୍ତର ସାମ୍ବାଦିକତା ଓ ଗଣ ଯୋଗାଯୋଗ ପାଠ୍ୟକ୍ରମ ପ୍ରସ୍ତୁତି ପାଇଁ ପଦକ୍ଷେପ ନେଉଛି, ଯାହା




କ୍ୱଚିତ୍ ଦେଖିବାକୁ ମିଳେ । ବର୍ତ୍ତମାନ ବିଶ୍ୱବିଦ୍ୟାଳୟ ପକ୍ଷରୁ ଚାଲିଥିବା ସାମ୍ବାଦିକତାରେ ଡିପ୍ଲୋମା ପାଠ୍ୟକ୍ରମ ବେଶ୍ ଲୋକପ୍ରିୟ ହୋଇଛି । ଅନ୍ୟତମ ଅତିଥି ଡ. ଶ୍ରୀମୟ ପାତ୍ର ନୂତନ ଗଣମାଧ୍ୟମ (ଇମର୍ଜିଂ ମିଡ଼ିଆ) ସଂପର୍କରେ ଆଲୋଚନା କରିଥିଲେ । ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟର ସ୍କୁଲ୍ ଅଫ୍ ମିଡ଼ିଆ ଷ୍ଟଡ଼ିଜ୍ ପକ୍ଷରୁ ସାମ୍ବାଦିକତା ଓ ଗଣ ଯୋଗାଯୋଗରେ ସ୍ନାତକୋତ୍ତର ଏବଂ ସ୍ନାତକୋତ୍ତର ଡିପ୍ଲୋମା ଏବଂ ଇମର୍ଜିଂ ମିଡ଼ିଆ (ନୂତନ ଗଣମାଧ୍ୟମ)ରେ ସାର୍ଟିଫିକେଟ୍ କୋର୍ସ ପ୍ରଦାନ କରିବାକୁ ଲକ୍ଷ୍ୟ ରଖିଛି । ଓଡ଼ିଶାର ବିଭିନ୍ନ ବିଶ୍ୱବିଦ୍ୟାଳୟ ଏବଂ ମହାବିଦ୍ୟାଳୟର ସାମ୍ବାଦିକତା ଓ ଗଣ ଯୋଗାଯୋଗ ବିଭାଗର ବରିଷ୍ଠ ଅଧ୍ୟାପକମାନେ ଏଥିରେ ଯୋଗ ଦେଇଥିଲେ । ବିଭାଗୀୟ ଅଧ୍ୟାପକ ଜ୍ୟୋତି ପ୍ରକାଶ ମହାପାତ୍ର ସ୍ୱାଗତ ଭାଷଣ ଦେଇଥିଲେ ।